REGIONAL NEWS UNIT, AIR CUTTACK

Mid-day Bulletin (2.32PM)

6 November – 2026

****

ମୁଖ୍ୟ ସମ୍ବାଦ

- କେନ୍ଦୁଝରଠାରେ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ସହ ୬୩୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ
- ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫ରେ ସଂଶୋଧନ କଲେ ସରକାର
- ପୁରୀ ଶ୍ରୀମନ୍ଦିରରେ ନୂଆବର୍ଷ ପୂର୍ବରୁ ଧାଡ଼ିଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ; କହିଲେ ଆଇନମନ୍ତ୍ରୀ

ଏବଂ

- ଧନ, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆଜି କରାଯାଉଛି ଭଗବାନ ଧନ୍ୱନ୍ତରୀଙ୍କ ପୂଜାର୍ଚ୍ଚନା

ପ୍ରାଥମିକ ବିଦ୍ୟାଳୟ-ମୁଖ୍ୟମନ୍ତ୍ରୀ

ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କୁ ଉତ୍ତମ, ଆଦର୍ଶ, ଗୁଣାତ୍ମକ ଓ ଡିଜିଟାଲ ମାଧ୍ୟମରେ ଶିକ୍ଷାଦାନ ପାଇଁ ସରକାର କାର୍ଯ୍ୟ କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆଠାରେ ଆୟୋଜିତ ଏକ ସମାରୋହରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଜି ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ, ଶିଳାନ୍ୟାସ ତଥା ତୃତୀୟ ପର୍ଯ୍ୟାୟରେ ୬୩୦ଟି ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଉଚ୍ଚଶିକ୍ଷାର ସୁଦୃଢ଼ୀକରଣ ସହ ଛାତ୍ରଛାତ୍ରୀଙ୍କୁ ଉନ୍ନତ ମାନର ଗବେଷଣା ଓ ଶିକ୍ଷାଦାନର ଅନୁକୂଳ ପରିବେଶ ସୃଷ୍ଟି କରିବା ଦିଗରେ ସରକାର ନିରନ୍ତର ପ୍ରୟାସରତ। ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ଗ୍ରାମାଞ୍ଚଳର ପିଲାମାନଙ୍କୁ ଉନ୍ନତ ମାନର ଶିକ୍ଷା ପ୍ରଦାନ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଯାହା ଆଗାମୀ ଦିନରେ ବିକଶିତ ଓଡ଼ିଶା ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏଁ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ସ୍ଥାପନ କାର୍ଯ୍ୟ ଚାଲିଛି।

ଆଗାମୀ ୪ ବର୍ଷରେ ଏହି ସମସ୍ତ ବିଦ୍ୟାଳୟଗୁଡ଼ିକର ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

- V/O -

ମୁଖ୍ୟମନ୍ତ୍ରୀ କହିଛନ୍ତି, ବର୍ତ୍ତମାନ ଓଡ଼ିଶାରେ ୪୫ ହଜାରରୁ ଊର୍ଦ୍ଧ୍ୱ ଶିଶୁବାଟିକା ରହିଥିବାବେଳେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟପୁସ୍ତକ ବଣ୍ଟନ ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ଅବସରରେ ମୁଖ୍ୟମନ୍ତ୍ରୀ ଧରଣୀଧର ବିଶ୍ୱବିଦ୍ୟାଳୟର ଦକ୍ଷିଣ କ୍ୟାମ୍ପସଠାରେ ନୂତନ ଏକାଡେମିକ ବିଲ୍ଡିଂ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଅତ୍ୟାଧୁନିକ ହଷ୍ଟେଲର ଉଦ୍‌ଘାଟନ ସହ ମେଡିକାଲ କଲେଜର ବିଭିନ୍ନ ୟୁନିଟ୍‌ର ଶିଳାନ୍ୟାସ ମଧ୍ୟ କରିଛନ୍ତି। ୨୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୦୦ ଆସନ ବିଶିଷ୍ଟ ଛାତ୍ର ଓ ଛାତ୍ରୀ ନିବାସ କେନ୍ଦୁଝର ତଥା ଆଖପାଖ ଅଞ୍ଚଳର ଯୁବପିଢ଼ୀଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇବା ସହ ବିଶ୍ୱବିଦ୍ୟାଳୟକୁ ଏକ ଆଦର୍ଶ ଶିକ୍ଷାନୁଷ୍ଠାନ ଭାବେ ଗଢ଼ିତୋଳିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀ ସ୍ଥାନୀୟ ମାଲିଗାଁରେ ଟେକ୍ ବିଜିନେସ୍ ପାର୍କର ଭୂମିପୂଜନ କରିଛନ୍ତି। କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଙ୍ଗଲ ଓ

ପରିବେଶ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ସାଂସଦ ଅନନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

Desk

ରାଜ୍ୟ ସଡ଼କ ନୀତି

ରାଜ୍ୟ ସରକାର ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫ର ଧାରା ୫ ଦଶମିକ ୫ଜେ’ରେ ସଂଶୋଧନ କରିଛନ୍ତି। ସଡ଼କ ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟନେଇ ଏହି ପଦକ୍ଷେପ ନିଆଯାଇଛି। କାର୍ଯ୍ୟାରମ୍ଭ ପୂର୍ବରୁ ଅନୁମତି ଓ ଅନୁମୋଦନକୁ ଏଥିରେ ବାଧ୍ୟତାମୂଳକ କରାଯାଇଛି। ନିର୍ମାଣ କାର୍ଯ୍ୟ ପାଇଁ ୯୦ ପ୍ରତିଶତ ଜମି ଉପଲବ୍ଧ ବାଧ୍ୟତାମୂଳକ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

Desk

ସୈନିକ ସ୍କୁଲରେ ନାମଲେଖା

୨୦୨୭-୨୮ ଶିକ୍ଷାବର୍ଷ ପାଇଁ ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲରେ ନାମଲେଖା ନିମନ୍ତେ ଫର୍ମ ଆବେଦନ ପ୍ରକାଶ ପାଇଛି। ଆସନ୍ତା ଜାନୁୟାରୀ ୩୧ ତାରିଖରେ ନାମଲେଖା ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ପ୍ରବେଶିକା ଫର୍ମ ପୂରଣର ଶେଷ ତାରିଖ ଆସନ୍ତା ମାସ

୨ ତାରିଖ ଧାର୍ଯ୍ୟ ହୋଇଛି। ଆଗ୍ରହୀ ଛାତ୍ରଛାତ୍ରୀମାନେ exams.nta.nic.in ୱେବସାଇଟ୍‌ରୁ ଅଧିକ ବିବରଣୀ ଜାଣିପାରିବେ।

Desk

ଧାଡ଼ିଦର୍ଶନ

ପୁରୀ ଶ୍ରୀମନ୍ଦିରରେ ନୂଆବର୍ଷ ପୂର୍ବରୁ ଧାଡ଼ିଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। କାର୍ତ୍ତିକ ମାସ ଶେଷ ହେବାପରେ ଏହାକୁ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯିବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏକସଙ୍ଗେ ୮ଟି ର୍ୟାମ୍ପରେ ଶ୍ରଦ୍ଧାଳୁ ଦର୍ଶନ କରିବେ। ଏଥିରେ ଏକଘଣ୍ଟା ମଧ୍ୟରେ ୧୦ ହଜାର ଶ୍ରଦ୍ଧାଳୁ ଦର୍ଶନ କରିବା ଭଳି ବ୍ୟବସ୍ଥା ରହିଛି। ଛତିଶା ନିଯୋଗ ଓ ପରିଚାଳନା କମିଟି ପରିଦର୍ଶନ ପରେ ଏହି ବ୍ୟବସ୍ଥା ଲାଗୁହେବ ବୋଲି ଶ୍ରୀ ହରିଚନ୍ଦନ କହିଛନ୍ତି।

- V/O –

Desk

ଧନତେରସ

ଧନ, ସମୃଦ୍ଧି ଓ ଉତ୍ତମ ସ୍ୱାସ୍ଥ୍ୟର ପ୍ରତୀକ ଭାବେ ଆଜି ସାରା ଦେଶରେ ଧନତେରସ ଉତ୍ସବ ପାଳନ କରାଯାଉଛି। ଏହି ଅବସରରେ ଭଗବାନ ଧନ୍ୱନ୍ତ୍ୱରୀ, ମା' ଲକ୍ଷ୍ମୀ ଓ ଭଗବାନ କୁବେରଙ୍କ ପୂଜାର୍ଚ୍ଚନା କରାଯାଉଛି।

ମାନ୍ୟତା ଅନୁଯାୟୀ ଧନତେରସ ପର୍ବରେ ପୂଜାର୍ଚ୍ଚନା କରିବା ଏବଂ କ୍ରୟ କରିବା ଦ୍ୱାରା ଘରେ ସୁଖ ଓ ସମୃଦ୍ଧି ବୃଦ୍ଧି ପାଇଥାଏ। ଆଜିର ଦିନରେ ସୁନା, ଚାନ୍ଦି, ବାସନକୁସନ, ବାହନ ଏବଂ ଅନ୍ୟ ନୂଆ ସାମଗ୍ରୀ କିଣିବାର ପ୍ରାଚୀନ ପରମ୍ପରା ରହିଛି।

ଧନତେରସ ଉପଲକ୍ଷେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ପ୍ରଭୁ ଧନ୍ୱନ୍ତ୍ରରୀ ସମସ୍ତ ନାଗରିକଙ୍କୁ ଆଶୀର୍ବାଦ ପ୍ରଦାନ କରନ୍ତୁ।

Nabarangpur

ମାଣ୍ଡିଆ ଦିବସ ଓ ଖାଦ୍ୟ ମହୋତ୍ସବ

ନବରଙ୍ଗପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ଓ ଖାଦ୍ୟ ମହୋତ୍ସବ ସ୍ଥାନୀୟ ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ବିଧାୟକ ଗୌରୀଶଙ୍କର ମାଝୀ ଯୋଗଦେଇ ମାଣ୍ଡିଆ ତଥା ଅନ୍ୟାନ୍ୟ ମିଲେଟ୍‌ର ଗୁରୁତ୍ୱ, ପୁଷ୍ଟିକର ଗୁଣ ଓ ଏହାର ବହୁମୁଖୀ ଉପଯୋଗିତା ସମ୍ପର୍କରେ ଜନସଚେତନତା ସୃଷ୍ଟି ପାଇଁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ କୃଷି ବିଭାଗର ବିଭିନ୍ନ ଅଧିକାରୀଙ୍କ ସମେତ ପ୍ରାୟ ୧୨୦ ଜଣ ଚାଷୀ ଯୋଗ ଦେଇଥିଲେ।

Bhadrak

ନିଶାମୁକ୍ତି ସମାଜ ଗଠନ

ଭଦ୍ରକ ଜିଲ୍ଲା ବାରିକପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଶାମୁକ୍ତି ସମାଜ ଗଠନ ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର କ୍ରୀଡ଼ା, ଯୁବ ବ୍ୟାପାର ମନ୍ତ୍ରାଳୟ ପକ୍ଷରୁ ଆୟୋଜିତ ଶିବିରରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ନିଶାମୁକ୍ତି ଭାରତ ଗଠନରେ ଯୁବଶକ୍ତିର ଭୂମିକାକୁ ନିଶା ସେବନରୁ ଦୂରରେ ରହି ସୁସ୍ଥ, ନିର୍ମଳ ସମାଜ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ।

Desk

ଅନ୍ତର୍ଜାତୀୟ ଦିବସ

ପରିବେଶ ଉପରେ ଯୁଦ୍ଧର ବିନାଶକାରୀ ପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଭବିଷ୍ୟତ ପିଢ଼ି ପାଇଁ ପ୍ରାକୃତିକ ସମ୍ପଦର ସୁରକ୍ଷା ଉପରେ ଧ୍ୟାନ ଦେବା ଉଦ୍ଦେଶ୍ୟରେ ‘ଯୁଦ୍ଧ ଓ ସଶସ୍ତ୍ର ସଂଘର୍ଷରେ ପରିବେଶ କ୍ଷୟକ୍ଷତି ରୋକିବା ସଂକ୍ରାନ୍ତ’ ଅନ୍ତର୍ଜାତୀୟ ଦିବସ ଆଜି ପାଳନ କରାଯାଉଛି। ୨୦୦୧ ମସିହାରେ ଜାତିସଂଘ ସାଧାରଣ ପରିଷଦ ବୈଠକରେ ପ୍ରତିବର୍ଷ ନଭେମ୍ବର ୬ ତାରିଖରେ ଏହି ଦିବସ ପାଳନ କରିବା ନେଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ଦିବସରେ ଅନ୍ତର୍ଜାତୀୟ

ପ୍ରୟାସକୁ ପ୍ରୋତ୍ସାହିତ କରିବା ସହ ଶାନ୍ତି ସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥାଏ।

Desk

ଏସିଆନ୍ ଚାମ୍ପିଆନ୍ସ ଟ୍ରଫି ହକି

ପଞ୍ଜାବସ୍ଥିତ ଜଳନ୍ଧରଠାରେ ଚାଲିଥିବା ଏସିଆନ୍ ଚାମ୍ପିଆନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟରେ ଭାରତୀୟ ପୁରୁଷ ଦଳ ଷଷ୍ଠଥର ପାଇଁ ଚମ୍ପିଆନ୍ ହୋଇଛି। ଟୁର୍ଣ୍ଣାମେଣ୍ଟର ଫାଇନାଲରେ ଭାରତ ୪-୧ ଗୋଲରେ ଜାପାନକୁ ପରାସ୍ତ କରିଛି। ଭାରତ ପକ୍ଷରୁ ସିଲାନନ୍ଦ ଲାକ୍ରା, ଦିଲ୍‌ପ୍ରିତ ସିଂହ ଏବଂ ବିବେକ ସାଗର ପ୍ରସାଦ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ଭାରତୀୟ ଦଳର ଏହି ବିଜୟ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ବାର୍ତ୍ତା ଛୁଟିଛି। ରାଜ୍ୟପାଳ ବ୍ରଜମୋହନ ରାମ ବିଜୟୀ ଦଳକୁ ଶୁଭେଚ୍ଛା ଜଣାଇ କହିଛନ୍ତି, ଖେଳାଳିମାନେ ନିଜର ଚମତ୍କାର କ୍ରୀଡ଼ାଦକ୍ଷତା, ଦୃଢ଼ ମନୋବଳ, ଧୈର୍ଯ୍ୟ ଏବଂ ଉତ୍ତମ ଦଳଗତ ସମନ୍ୱୟର ପରିଚୟ ଦେଇଛନ୍ତି। ଆଗାମୀ ଦିନରେ ଦଳ ଏହିପରି ନିରନ୍ତର ସଫଳତା ହାସଲ କରି ଦେଶ ପାଇଁ ଆହୁରି ସୁନାମ ଆଣିବ ବୋଲି ରାଜ୍ୟପାଳ କାମନା କରିଛନ୍ତି। ସେହିଭଳି ସେନେଗାଲ୍‌ର ରାଜଧାନୀ ଡାକା’ରେ ୟୁଥ୍ ଅଲମ୍ପିକ୍ସରେ ଓଡ଼ିଶାର ତନ୍‌ଭୀ ପତ୍ରୀ ମହିଳା ଏକକ ବର୍ଗରେ ରୌପ୍ୟପଦକ ହାସଲ କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ

ଚରଣ ମାଝୀ ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

Desk

ଏସିଆ ରଗ୍‌ବୀ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ଏସିଆ ରଗ୍‌ବୀ ଏମିରେଟ୍‌ସ ୟୁ ଟ୍ୱେଣ୍ଟି ସେଭେନ୍‌ସ ଚାମ୍ପିଆନ୍‌ସିପ-୨୦୨୬ ଅନୁଷ୍ଠିତ ହେବ । ରଗ୍‌ବୀ ଇଣ୍ଡିଆ ଓ କ୍ରୀଡ଼ା ଏବଂ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆସନ୍ତା ୧୪ ଓ ୧୫ ତାରିଖ ଦୁଇଦିନ ଧରି ଏହି ପ୍ରତିଯୋଗିତା ଚାଲିବ । ପ୍ରତିଯୋଗିତା ପୂର୍ବରୁ ଆଜି ଏହାର ଆୟୋଜନ ସମ୍ବନ୍ଧରେ ଅପରାହ୍ନରେ କଳିଙ୍ଗ ଷ୍ଟାଡିୟମ ପ୍ରେକ୍ଷାଳରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହେଉଛି । ରଗ୍‌ବୀ ଇଣ୍ଡିଆର ସଭାପତି ରାହୁଲ ବୋଷ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏସନ୍‌ର ସଭାପତି ପ୍ରିୟଦର୍ଶୀ ମିଶ୍ର, ବିଭାଗୀୟ ଶାସନ ସଚିବ ଭୂପେନ୍ଦ୍ର ସିଂହ ପୁନିଆ ପ୍ରମୁଖ ପ୍ରତିଯୋଗିତାର ଧାରାବିବରଣୀ ପ୍ରଦାନ କରିବେ ।

ପ୍ରଳୟ କ୍ଷେପଣାସ୍ତ୍ର

ଭଦ୍ରକ ଜିଲ୍ଲା ଏପିଜେ ଅବଦୁଲ କଲାମ ଦ୍ୱୀପସ୍ଥିତ ଏକୀକୃତ ପରୀକ୍ଷଣ କେନ୍ଦ୍ରରୁ କ୍ୱାସିବ୍ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ‘ପ୍ରଳୟ’ର ଗତକାଲି ସଫଳ ପରୀକ୍ଷଣ କରାଯାଇଛି । ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ

ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଭୂପୃଷ୍ଠରୁ ଭୂପୃଷ୍ଠକୁ ଉତ୍କ୍ଷେପିତ ହେଉଥିବା ଏହି କ୍ଷେପଣାସ୍ତ୍ର ଧାର୍ଯ୍ୟ ସମୟ ମଧ୍ୟରେ ନିର୍ଦ୍ଦିଷ୍ଟ ଲକ୍ଷ୍ୟକୁ ଭେଦ କରିପାରିଛି ।

Desk

ପାଣିପାଗ

ପୂର୍ବ ତେଲେଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତା ୨ ଦିନ ମଧ୍ୟରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ବର୍ଷା ହେବାନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାୟଗଡା, କୋରାପୁଟ, ମାଲକାନଗିରି, ଗଜପତି ଓ ଗଞ୍ଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି ।